بسم الله الرحمن الرحيم

**ଖୁତ୍‌ବା ଜୁମା ୩୦ ଡ଼ିସେମ୍ବର ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ଼ (ୟୁ.କେ)**

# ଆଁହଜରତ୍ ସ.ଅଙ୍କ ଚଚା, ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହ. ହମ୍‌ଜା ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ସତ୍ୟବାଦୀ ଖଲିଫା ହ. ଅବୁ ବକର ର.ଅଙ୍କ ଚର୍ଚ୍ଚାର ପରିସମାପ୍ତି ପରେ ମୁଁ କହିଥିଲି ଯେ, ବର୍ତ୍ତମାନ ବଦ୍‌ରୀ ସାହାବାମାନଙ୍କର ଚର୍ଚ୍ଚା ସମାପ୍ତ ହେଲା । କିନ୍ତୁ କେତେକ ସାହାବା ଯେଉଁମାନଙ୍କର ଚର୍ଚ୍ଚା ହୋଇ ସାରିଥିଲା, ତଥାପି ସେମାନଙ୍କ ସଂପର୍କରେ କେତେକ ଘଟଣାବଳୀ ପରବର୍ତ୍ତୀ ସମୟରେ ସାମ୍ନାକୁ ଆସିଛି । ତେଣୁ କୌଣସି ଏକ ଅବସର ଦେଖି ସେହି ବିଷୟ ସଂପର୍କରେ ଆଲୋଚନା କରିବି ଅବା ଯେତେବେଳେ ସେଗୁଡ଼ିକ ପୁସ୍ତକ ଆକାରରେ ପ୍ରକାଶନ ହେବ ସେତେବେଳେ ତହିଁରେ ଏହି କଥାଗୁଡ଼ିକ ଉଲ୍ଲିଖିତ ହୋଇଯିବ । ତେବେ କେତେକ ଲୋକମାନେ ମୋତେ ପତ୍ର ମାଧ୍ୟମରେ ନିଜର ମତାମତ ଲେଖି ଜଣାଉଛନ୍ତି ଯେ, ଖଲିଫା ରାଶିଦିନ୍‌ମାନଙ୍କର ଇତିହାସ ସଂପର୍କରେ ଶୁଣି ଆମେମାନେ ବହୁତ ଉପକୃତ ହୋଇଛୁ । ଅତଏବ୍ ମୁଁ ଏହା ଉଚିତ ବିଚାର କଲି ଯେ, ସାହାବାମାନଙ୍କ ସଂପର୍କିତ ଅତିରିକ୍ତ ଚର୍ଚ୍ଚା ଏବଂ ତାହାର କେତେକାଂଶ ମଧ୍ୟ ଖୁତ୍‌ବାରେ ବର୍ଣ୍ଣିତ ହୋଇଯାଉ । ଏହି କ୍ରମରେ ସର୍ବ ପ୍ରଥମ ସାହାବି ହେଉଛନ୍ତି ହ. ହମ୍‌ଜା ର.ଅ। ଆପଣ ର.ଅ ଆଁହଜରତ ସ.ଅଙ୍କର ଚଚା ଥିଲେ ଏବଂ ଆପଣ ସ.ଅଙ୍କୁ ବହୁତ ଭଲ ପାଉଥିଲେ । ନବୀ କରୀମ୍ ସ.ଅଙ୍କୁ ହମ୍‌ଜା ନାମ ବହୁତ ପସନ୍ଦ ଥିଲା ।

ହୁଜୁର୍ ଅନୱର୍ ଅ.ବ ହ. ହମ୍‌ଜା ର.ଅଙ୍କ ପତ୍ନୀମାନଙ୍କ ସଂପର୍କରେ ଏବଂ ସେମାନଙ୍କ ଗର୍ଭରୁ ଜାତ ସନ୍ତାନମାନଙ୍କର ସଂକ୍ଷିପ୍ତ ଚର୍ଚ୍ଚା କରି ସାରିବା ପରେ କହିଲେ, ହ. ହମ୍‌ଜା ର.ଅଙ୍କ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ସଂକ୍ରାନ୍ତରେ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ହମ୍‌ଜା ର.ଅ ଯେତେବେଳେ କ୍ରୋଧାନ୍ୱିତ ଅବସ୍ଥାରେ ଏହା କହିଦେଲେ ଯେ, ହଁ ! ମୁଁ ମୁହମ୍ମଦ ସ.ଅଙ୍କ ଧର୍ମରେ ଦୀକ୍ଷିତ ହୋଇଛି । କିନ୍ତୁ ଅପରମୁହୂର୍ତ୍ତରେ ଆପଣ ର.ଅ ଏଥିପାଇଁ ଅନୁତପ୍ତ ମଧ୍ୟ ହେଲେ ଏବଂ କହିଲେ, ମୁଁ ନିଜ ପିତୃପୁରୁଷଙ୍କ ଦ୍ୱାରା ସ୍ୱୀକୃତ ଧର୍ମକୁ ବିଦାୟ ଜଣାଇ ଦେଇଛି । ମୁଁ ଅହୋରାତ୍ର ଶୟନ କରିପାରିଲି ନାହିଁ । ପୁନଶ୍ଚ ଏହାପରେ ମୁଁ ଖାନା କାବା ନିକଟକୁ ଆସିଲି ଏବଂ ଅଲ୍ଲାଃତାଲାଙ୍କ ସମ୍ମୁଖରେ କାକୁତି ମିନତି ହୋଇ କହିଲି, ହେ ଅଲ୍ଲାଃ ! ସତ୍ୟ ନିମନ୍ତେ ମୋର ହୃଦୟକୁ ପ୍ରଶସ୍ତ ତଥା ଉନ୍ମୁକ୍ତ କରିଦିଅ ଓ ମୋ ମନରେ ଥିବା ସମସ୍ତ ଶଙ୍କା ଏବଂ ଭ୍ରମ ଧାରଣାକୁ ଦୂରୀଭୂତ କରିଦିଅ । ବର୍ତ୍ତମାନ ମୁଁ ଦୁଆ ସାରି ନଥିଲି ଯେ, ମୋ ଠାରୁ ଅସତ୍ୟ ଦୁରୀଭୂତ ହୋଇଗଲା । ଏହାପରେ ମୁଁ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲି ଏବଂ ନିଜର ସମସ୍ତ ବିଶ୍ୱାସିକ ଅବସ୍ଥା ବର୍ଣ୍ଣନା କଲି। ପ୍ରତ୍ୟୁତ୍ତରରେ ହୁଜୁର ସ.ଅ ମୋ ସପକ୍ଷରେ ଅବିଚଳତା ରହିବା ନିମନ୍ତେ ଦୁଆ କଲେ । ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ହ. ହମ୍‌ଜା ର.ଅ ହୁଜୁର ସ.ଅଙ୍କୁ ପଚାରିଲେ, ହେ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ହ. ଜିବ୍ରାଇଲ୍ ଅ.ସଙ୍କୁ ତାଙ୍କର ପୂର୍ଣ୍ଣ ବାସ୍ତବ ରୂପରେ କ୍ଷଣକ ପାଇଁ ମୋତେ ଦର୍ଶନ କରାଇ ଦିଅନ୍ତୁ । ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, ତୁମେ ତାହାଙ୍କୁ ଦେଖିବା ପାଇଁ ସାମର୍ଥ୍ୟ ରଖୁ ନାହଁ । ସେଥିଅନ୍ତେ ତାଙ୍କର ବାରମ୍ବାର ଜିଦ୍ କରିବା ଯୋଗୁଁ ଆଁହଜରତ ସ.ଅ କହିଲେ, ଆପଣ ନିଜ ସ୍ଥାନରେ ବସି ଯାଆନ୍ତୁ । ବର୍ଣ୍ଣନାକାରୀ କହନ୍ତି ଯେ, ହ. ଜିବ୍ରାଇଲ୍ ଅ.ସ ଖାନା କାଆବାର ସେହି କାଠ ଉପରେ ଅବତୀର୍ଣ୍ଣ ହେଲେ ଯାହା ଉପରେ ଅବିଶ୍ୱାସକାରୀମାନେ ଏକ କପଡ଼ା ପକାଇ ଖାନା କାଆବାର ପରିକ୍ରମା କରୁଥିଲେ । ଆପଣ ସ.ଅ ପୁନଶ୍ଚ କହିଲେ, ହେ ହମ୍‌ଜା ! ନିଜର ମୁଖମଣ୍ଡଳ ଉପରକୁ ଉଠାଅ ! ସୁତରାଂ ଆପଣ ର.ଅ ଯେତେବେଳେ ନିଜର ମୁଖମଣ୍ଡଳ ଉପରକୁ

ଉଠାଇଲେ ସେତେବେଳେ ଆପଣ ର.ଅ ଏହା ଅବଲୋକନ କଲେ ହ. ଜିବ୍ରାଇଲ୍ ଅ.ସଙ୍କ ଦୁଇ ପାଦ ଏକ ମୂଲ୍ୟବାନ ସବୁଜ ରଙ୍ଗର ପଥର ପରି ଦୃଶ୍ୟମାନ ହେଉଛି, ତା' ପରେ ହ. ହମ୍ଜା ର.ଅ ଅଚେତ ହୋଇ ପଡ଼ିଗଲେ ।

ହିଜ୍ରୀ କ୍ୟାଲେଣ୍ଡର ବର୍ଷର ସଫର୍ ମାସ ୨ ତାରିଖ ଦିନ ଯେତେବେଳେ ଆଁହଜରତ ସ.ଅ ୱଦାନ୍ ଯୁଦ୍ଧ ନିମନ୍ତେ ପ୍ରବାସକାରୀଙ୍କ ଏକ ଗୋଷ୍ଠୀ ସହିତ ବାହାରିଲେ ସେତେବେଳେ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ହମ୍ଜା ର.ଅଙ୍କ ହସ୍ତରେ ଥିଲା । ଜମାଦିଉଲ୍ ଉଲା ହିଜ୍ରୀ ବର୍ଷ ୨ ତାରିଖରେ ପୁନଶ୍ଚ ଆଁହଜରତ ସ.ଅ ମକ୍କାର କୁରୈଶ୍‌ମାନଙ୍କ ପକ୍ଷରୁ କୌଣସି ସୂଚନା ପ୍ରାପ୍ତ କରି ପ୍ରବାସକାରୀମାନଙ୍କର ୧୫୦ରୁ ୨୦୦ ପାଖାପାଖି ଲୋକମାନଙ୍କୁ ସାଥିରେ ନେଇ ହମ୍‌ରାଓ ଯୁଦ୍ଧ ନିମନ୍ତେ ବାହାରିଲେ ସେତେବେଳେ ପୁନର୍ବାର ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ହମ୍ଜା ର.ଅଙ୍କ ହସ୍ତରେ ରହିଥିଲା । ବଦର୍ ଯୁଦ୍ଧ ସମୟରେ କୁରୈଶ୍‌ର ସୈନ୍ୟବାହିନୀ ସହିତ ଅତ୍‌ବା ନିଜର ଭ୍ରାତା ଓ ପୁତ୍ରଙ୍କୁ ସାଙ୍ଗରେ ଧରି ସୈନ୍ୟବାହିନୀ ଠାରୁ ଆଗକୁ ଅଗ୍ରସର ହେଲେ ଏବଂ ଆରବର ପୁରାତନ ପରମ୍ପରା ଅନୁଯାୟୀ ବ୍ୟକ୍ତିଗତ ମୁକାବିଲା ନିମନ୍ତେ ଆହ୍ୱାନ ଦେଲେ । ଅନ୍‌ସାରମାନେ ଯେତେବେଳେ ତାହାଙ୍କ ମୁକାବିଲା ନିମନ୍ତେ ଆଗକୁ ଅଗ୍ରସର ହେଲେ ସେତେବେଳେ ଆଁହଜରତ ସ.ଅ ସେମାନଙ୍କୁ ଅଟକାଇ ଦେଇ ହ. ଅଲୀ, ହ. ହମ୍ଜା, ହ. ଅବିଦା ବିନ୍ ମୁତଲ୍ଲିବଙ୍କୁ ଆଗକୁ ଅଗ୍ରସର ହେବା ନିମନ୍ତେ ନିର୍ଦ୍ଦେଶ ଦେଲେ । ଏମାନେ ତିନିଜଣ ଆଁହଜରତ ସ.ଅଙ୍କ ଘନିଷ୍ଠ ସଂପର୍କୀୟ ଥିଲେ ଏବଂ ଆଁହଜରତ ସ.ଅ ସର୍ବଦା ଏହା ଚାହୁଁଥିଲେ ଯେ, ବିପତ୍ତି ସମୟରେ ତାଙ୍କର ସମସ୍ତ ସଂପର୍କୀୟ ଏବଂ ପରିଜନମାନେ ସର୍ବାଗ୍ରେ ରହିଥାନ୍ତୁ । ଅବିଦା ବିନ୍ ମୁତଲ୍ଲିବ୍ ୱଲିଦ୍‌ଙ୍କ ବିପକ୍ଷରେ ଯୁଦ୍ଧ ପାଇଁ ଛିଡ଼ା ହୋଇଥିଲା ବେଳେ ହ. ହମ୍ଜା ର.ଅ ଉତ୍‌ବା ବିରୁଦ୍ଧରେ ଏବଂ ଅଲୀ ଶୈବା ବିରୁଦ୍ଧରେ ଲଢିବା ପାଇଁ ଆଗକୁ ଆଗ୍ରସର ହେଲେ । ହ. ହମ୍ଜା ଓ ହ. ଅଲୀ ର.ଅ ନିଜ ନିଜର ପ୍ରତିପକ୍ଷକୁ ଗୋଟିଏ ଦୁଇଟି ପ୍ରହାରରେ ସେମାନଙ୍କର ବଦ୍ଧ କରି ଦେଲେ । କିନ୍ତୁ ଅବିଦା ଓ ୱଲିଦ୍‌ଙ୍କ ମଧ୍ୟରେ କେତେକ ଉତ୍ତମ ଖଡ଼୍‌ଗ ସଂଘର୍ଷର ସୂତ୍ରପାତ ହୋଇ ପରିଶେଷରେ ଦୁହେଁ ପରସ୍ପରକୁ ପ୍ରାଣଘାତି ଆକ୍ରମଣ କରି ଭୂମି ଉପରେ ପତିତ କଲେ । ଫଳତଃ ହ. ହମ୍ଜା ଏବଂ ହ. ଅଲୀ ର.ଅ ସଙ୍ଗେସଙ୍ଗେ ଆକ୍ରମଣ କରି ୱଲିଦ୍‌ର ବଦ୍ଧ କରିଦେଲେ ଓ ହ. ଅବିଦା ର.ଅଙ୍କୁ ଉଠାଇ ନିଜ ଶିବିର ମଧ୍ୟକୁ ନେଇ ଆସିଲେ । କିନ୍ତୁ ହ. ଅବିଦା ର.ଅ ସେହି ମରାଣାନ୍ତକ ଆକ୍ରମଣ ଏବଂ ଆଘାତର ପୀଡ଼ା ସହ୍ୟ କରି ନପାରି ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ ସମୟରେ ହିଁ ମୃତ୍ୟୁବରଣ କଲେ ।

ମଦିରା ଅବୈଧ ହେବା ପୂର୍ବରୁ ହ. ହମ୍ଜା ର.ଅ ହ. ଅଲୀ ର.ଅଙ୍କ ଓଟମାନଙ୍କୁ ନିଶାସକ୍ତ ଅବସ୍ଥାରେ ଅତ୍ୟନ୍ତ ନୀର୍ମମ ଭାବରେ ହତ୍ୟା କରି ଦେଇଥିଲେ । ହ. ଅଲୀ ର.ଅଙ୍କ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ଅତ୍ୟନ୍ତ ମର୍ମାହତ ହୋଇଥିଲେ ଏବଂ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସମସ୍ତ ଘଟଣାର ବୃତ୍ତାନ୍ତ ବର୍ଣ୍ଣନା କଲେ । ଏହି ସମସ୍ତ ଘଟଣା ଆଁହଜରତ ସ.ଅ ଶୁଣିବା ପରେ ଆପଣ ତାଙ୍କ ଉପରେ ଭୀଷଣ ବିରକ୍ତ ଭାବ ପ୍ରକାଶ କରିଥିଲେ । ହ. ହମ୍ଜା ର.ଅ ସେତେବେଳେ ମଧ୍ୟ ନିଶାସକ୍ତ ଅବସ୍ଥାରେ ଥିଲେ । ତେଣୁ ଆଁହଜରତ ସ.ଅ, ହ. ଅଲୀ ଓ ଅନ୍ୟ ଲୋକମାନଙ୍କୁ ଦେଖି ହ. ହମ୍ଜା ର.ଅ କହିବାକୁ ଲାଗିଲେ ଯେ, ତୁମେମାନେ ସମସ୍ତେ ମୋ ପୂର୍ବପୁରୁଷଙ୍କର ଦାସ ଅଟ । ଆଁହଜରତ ସ.ଅ ଯେଉଁ ପାଦରେ ଘଟଣା ସ୍ଥଳକୁ ଯାଇଥିଲେ ସେହି ପାଦରେ ହିଁ ସେଠାରୁ ଲେଉଟି ଆସିଲେ । ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ମଦ୍ୟପାନକୁ ଯେତେବେଳେ ଅବୈଧ ହେବାର ଐଶୀବାଣୀ ଅବତୀର୍ଣ୍ଣ କଲେ ସେତେବେଳେ କୌଣସି ସାହାବାମାନେ ମଧ୍ୟ ମଦିରା ନିକଟକୁ ମାଡ଼ିଲେ ନାହିଁ, ଏହା ଥିଲା ସେମାନଙ୍କର ଧର୍ମପରାୟଣତାର ସ୍ତର । ଅର୍ଥାତ ଯେତେବେଳେ ମଦିରାକୁ ଅଲ୍ଲାଃତାଲା ଅବୈଧ ବୋଲି ଘୋଷଣା କରିଦେଲେ ସେତେବେଳେ ସେମାନେ ଧର୍ମପରାୟଣତା ଏବଂ ଈଶ୍ୱର ତଥା ତାଙ୍କ ବାର୍ତ୍ତାବହଙ୍କ ଆଦେଶକୁ ସହୃଦୟରୁ ଗ୍ରହଣ କରି ତାହାକୁ ଆଉ ପାନ କଲେ ନାହିଁ ।

ବନୁ କୈନ୍‌କା ଯୁଦ୍ଧରେ ମଧ୍ୟ ହ. ହମ୍ଜା ର.ଅ ସାମିଲ ଥିଲେ ଓ ସେହି ଯୁଦ୍ଧରେ ମଧ୍ୟ ଇସ୍‌ଲାମ୍ ଧର୍ମର ଧ୍ୱଜା ହ. ହମ୍ଜା ର.ଅଙ୍କ ହସ୍ତରେ ଥିଲା । ବନୁ କୈନ୍‌କା ସଂପ୍ରଦାୟ ହେଉଛି ମଦିନାରେ ବାସ କରୁଥିବା ଏକ ଇହୁଦୀ ସଂପ୍ରଦାୟ । ଯେକି ଆଁହଜରତ ସ.ଅଙ୍କ ସହିତ ହୋଇଥିବା ଚୁକ୍ତିକୁ ସର୍ବ ପ୍ରଥମେ ଭଙ୍ଗ କରିଥିଲା । ବଦର ଯୁଦ୍ଧ ପରେ ଏମାନେ ଆହୁରି ଉପଦ୍ରବ ସୃଷ୍ଟି କରିଦେଲେ ଏବଂ ବିଦ୍ୱେଷ ତଥା ବୈରାଗ୍ୟ ଭାବର ପ୍ରଦର୍ଶନ କରି ନିଜ ଦ୍ୱାରା କରିଥିବା ଚୁକ୍ତିର ଖିଲାଫ୍ କାର୍ଯ୍ୟ କରିଥିଲେ । ଜନୈକା ମୁସ୍‌ଲିମ୍ ମହିଳା ଏକ ଇହୁଦୀ ବ୍ୟକ୍ତିର ଦୋକାନରୁ କିଛି ଜିନିଷ ପତ୍ର କିଣାକିଣା କରିବା ପାଇଁ ଗଲା । ତେବେ ସେଠାରେ ଉପସ୍ଥିତ ଥିବା ଦୁଷ୍ଟ ଇହୁଦୀ ଯୁବକମାନେ ଉକ୍ତ ମୁସଲମାନ ମହିଳାଙ୍କ ସହିତ ଅସଦାଚରଣ କଲେ । ଏପରିକି ଉକ୍ତ ଇହୁଦୀ ଦୋକାନୀ ଜଣକ ମହିଳାଙ୍କ ପ୍ରତି ଅସଦାଚରଣ ପ୍ରଦର୍ଶନ କଲା ଏବଂ ତାହା ଏହିପରି ଯେ,

ମହିଳା ଜଣଙ୍କ ଅନ୍ତବସ୍ତ୍ରର କାନିକୁ ପିଠି ଉପରେ ଥିବା କପଡ଼ା (ଓଢଣା)କୁ ଏକ କଣ୍ଟା ସହିତ ଯୋଡ଼ି ଦେଲା । ଅତଃ ଯେତେବେଳେ ମହିଳା ଜଣକ ନିଜକୁ ଅସହଜ ଅନୁଭବ କଲେ ଏବଂ ସେଠାରୁ ଉଠି ଚାଲିଯିବା ପାଇଁ ବାହାରିଲେ ସେତେବେଳେ ଉକ୍ତ ମହିଳା ଜଣକ ନିର୍ବସ୍ତ୍ର ହୋଇଗଲେ । ଫଳସ୍ୱରୂପ ସେଠାରେ ଉପସ୍ଥିତ ଥିବା ଇହୁଦୀ ଯୁବକମାନେ ଏବଂ ଦୋକାନୀ ଜଣକ ଠୋ ଠୋ ହୋଇ ହସିଲେ । ମୁସଲମାନ ମହିଳା ଜଣକ ଲଜ୍ଜା ଅନୁଭବପୂର୍ବକ ଚିତ୍କାର କଲେ ଏବଂ ସାହାଯ୍ୟ ଭିକ୍ଷା କଲା । ଦୈବାତ୍ ସେଠାରେ ଜଣେ ମୁସଲମାନ ବ୍ୟକ୍ତି ଉପସ୍ଥିତ ଥିଲା । ଯେତେବେଳେ ସେ ଏହି ସବୁ ଦୃଶ୍ୟ ଦେଖିଲା ସେତେବେଳେ ସେ ତୁରନ୍ତ ସେଠାରେ ପହଞ୍ଚି ଉକ୍ତ ଦୋକାନୀ ସହିତ ସଂଘର୍ଷ କଲେ । ଫଳତଃ ଇହୁଦୀ ଦୋକାନୀ ଜଣକ ଉକ୍ତ ସଂଘର୍ଷରେ ପ୍ରାଣ ହରାଇଲା । ପରିଣାମ ସ୍ୱରୂପ ଉକ୍ତ ମୁସଲମାନ ବ୍ୟକ୍ତି ଉପରେ ଚତୁର୍ଦିଗରୁ ଖଡ଼୍‌ଗ ପ୍ରହାର ବର୍ଷିଲା ଏବଂ ଧର୍ମାଭିମାନୀ ମୁସଲମାନ ଘଟଣା ସ୍ଥଳରେ ହିଁ ନିଜର ପ୍ରାଣ ହରାଇଥିଲେ । ଉକ୍ତ ଘଟଣା ଘଟିବା ଫଳରେ ମୁସଲମାନ ଇହୁଦୀମାନଙ୍କ ମଧ୍ୟରେ ଏକ ତିକ୍ତତାମୂଳକ ବିଷମ ପରିସ୍ଥିତି ସୃଷ୍ଟି ହୋଇଗଲା । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ର.ଅ ସେମାନଙ୍କ ଅଧିପତିମାନଙ୍କୁ ଡାକିଲେ ଏବଂ ସେମାନଙ୍କୁ ଏକଥା ବୁଝାଇଲେ ଯେ, ତୁମମାନଙ୍କର ଏହିଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ । ତୁମେମାନେ ତହିଁରୁ ନିବୃତ୍ତ ରୁହ ଏବଂ ଅଲ୍ଲାଃତାଲାଙ୍କୁ ଡର । ଆଁହଜରତ ସ.ଅଙ୍କ ଦେଇଥିବା ଉପଦେଶକୁ ଉକ୍ତ ସଂପ୍ରଦାୟର ଅଧିପତିମାନେ ଅନୁତପ୍ତ ହେବା ପରିବର୍ତ୍ତେ ଅହଂକାରପୂର୍ବ ଉତ୍ତର ଦେଲେ, ହେ ମୁହମ୍ମଦ ସ.ଅ ! ବଦର୍ ଯୁଦ୍ଧର ବିଜୟରେ ତୁମେ ଉଲ୍ଲସିତ ହୁଅ ନାହିଁ ଏବଂ ଜମା ଗର୍ବ କର ନାହିଁ । ଯେତେବେଳେ ଆମମାନଙ୍କ ସହିତ ତୁମର ଯୁଦ୍ଧ ହେବ ସେତେବେଳେ ତୁମେ ଜାଣିନେବ ଯେ, ଅସଲ ଯୋଦ୍ଧା କାହାକୁ କୁହନ୍ତି ? ସୁତରାଂ ଆଁହଜରତ ସ.ଅ ଅନନ୍ୟୋପାୟ ହୋଇ ସାହାବାମାନଙ୍କର ଏକ ଦଳ ସହିତ ବନୁ କୈନ୍‌କାର ଦୁର୍ଗ ଅଭିମୁଖେ ଯୁଦ୍ଧ ଉଦ୍ଦେଶ୍ୟରେ ବାହାରି ପଡ଼ିଲେ । ବନୁ କୈନ୍‌କା ସଂପ୍ରଦାୟ ମଧ୍ୟ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲା ଏବଂ ନିଜକୁ ଦୁର୍ଗ ମଧ୍ୟରେ ଆବଦ୍ଧ କରି ବସି ରହିଲେ । ଫଳତଃ ମୁସଲମାନମାନେ ବନୁ କୈନ୍‌କା ଓ ତା'ର ଦୁର୍ଗକୁ ଚତୁର୍ପାର୍ଶ୍ୱରୁ ଘେରି ନେଲେ । ପନ୍ଦର ଦିନ ପର୍ଯ୍ୟନ୍ତ ଦୁର୍ଗର ଘେରାଉ ଜାରି ରହିଲା । ପରିଶେଷରେ ବନୁ କୈନ୍‌କାର ସମସ୍ତ ଶକ୍ତି ଓ ଗର୍ବ ଧୂଳିସାତ୍ ହେଲା ସେତେବେଳେ ସେମାନେ ଏହି ସର୍ତ୍ତରେ ଦୁର୍ଗର ଦ୍ୱାର ଉନ୍ମୁକ୍ତ କରିଦେଲେ ଯେ, ସେମାନଙ୍କର ଧନ ମୁସଲମାନମାନଙ୍କର ହୋଇଯିବ କିନ୍ତୁ ସେମାନଙ୍କର ଜୀବନ ଏବଂ ପରିବାରବର୍ଗଙ୍କ ଉପରେ ମୁସଲମାନମାନଙ୍କର କୌଣସି ଅଧିକାର ରହିବ ନାହିଁ । ଆଁହଜରତ ସ.ଅ ଉକ୍ତ ସର୍ତ୍ତକୁ ସ୍ୱୀକାର କଲେ । ହ. ମୁସା ଅ.ସଙ୍କ ଧର୍ମ ବିଧାନ ଅନୁଯାୟୀ ସେହି ସମସ୍ତ ଇହୁଦୀମାନେ ମୃତ୍ୟୁ ଦଣ୍ଡର ଅଧିକାରୀ ଥିଲେ । କିନ୍ତୁ ଉକ୍ତ ଇହୁଦୀଙ୍କର **ପ୍ରଥମ** ଦୋଷ ଏହା ଥିଲା ଯେ, ସେମାନେ ଚୁକ୍ତି ଭଙ୍ଗ କରିଥିଲେ ଏବଂ **ଦ୍ୱିତୀୟତଃ** ସେମାନେ ଏକ ନିରୀହ ମୁସଲମାନ ମହିଳା ପ୍ରତି ଅସଦାଚରଣ କରିବା ସହିତ ଜଣେ ମୁସଲମାନ ବ୍ୟକ୍ତିକୁ ଅତ୍ୟନ୍ତ ନିର୍ମମ ଭାବରେ ହତ୍ୟା କରିଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ଆଁହଜରତ ସ.ଅଙ୍କର ଦୟାପୂର୍ବକ ସ୍ୱଭାବ ଶାସ୍ତି ପ୍ରତି କେବେବି ଆକୃଷ୍ଟ ହେଉ ନଥିଲା । ବରଂ କ୍ଷମା ପ୍ରଦାନ ହିଁ ଆଁହଜରତ ସ.ଅଙ୍କ ସ୍ୱଭାବଗତ ବିଶିଷ୍ଟତା ଗୁଣାବଳୀ ଥିଲା । କିନ୍ତୁ ଆଁହଜରତ ସ.ଅ ଯେତେବେଳେ ଏହା ଉପଲବ୍ଧି କଲେ ଯେ, ଉକ୍ତ ସଂପ୍ରଦାୟ ସୁଧୁରୁ ନାହିଁ ଏବଂ ଏହି ଆଶଙ୍କା କଲେ ଯେ, ଏହି ସଂପ୍ରଦାୟ ମଦିନାରେ ରହିଲେ ଅଧିକ ବିପଦ ସୃଷ୍ଟି କରିବ । ତେଣୁ ତାହାର ନିବାରଣ ସ୍ୱରୂପ ଆଁହଜରତ ସ.ଅ ବନୁ କୈନ୍‌କା ସଂପ୍ରଦାୟ ନିମନ୍ତେ ଏହି ନିଷ୍ପତ୍ତି ନେଲେ ଯେ, ସେମାନେ ମଦିନାରୁ ବାହାରି ଯାଆନ୍ତୁ । ଏହା ସେମାନଙ୍କର ଦୋଷ ତୁଳନାରେ ଅତ୍ୟନ୍ତ କୋମଳମୟ ନିଷ୍ପତ୍ତି ଥିଲା ଏବଂ ଅନ୍ୟ ଦୃଷ୍ଟିରୁ ଦେଖିଲେ ତହିଁରେ ସୁରକ୍ଷାର ଏକ ପକ୍ଷ ମଧ୍ୟ ନିହିତ ରହିଥିଲା । ପରିଶେଷରେ ବନୁ କୈନ୍‌କା ସଂପ୍ରଦାୟର ଲୋକମାନେ ଅତ୍ୟନ୍ତ ଧୀର ସ୍ଥିର ଭାବରେ ସିରୀୟା ଅଭିମୁଖେ ଚାଲିଗଲେ ।

ହ. ହମ୍‌ଜା ର.ଅ ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ଏହାର ସୂଚନା ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ବହୁ ପୂର୍ବରୁ ସ୍ୱପ୍ନ ମାଧ୍ୟମରେ ପ୍ରଦାନ କରି ଦିଆଯାଇଥିଲା । ସୁତରାଂ ଆଁହଜରତ ସ.ଅ ସ୍ୱପ୍ନରେ ଦେଖିଲେ ଯେ, ସେ ଏକ ମେଣ୍ଢାର ପିଛା କରୁଛନ୍ତି ଏବଂ ତାହାକୁ ଜେବହ୍ ମଧ୍ୟ କରୁଛନ୍ତି, କିନ୍ତୁ ତାହାଙ୍କ ଖଡ଼୍‌ଗ୍‌ର ଶୀର୍ଷ ଅଂଶଟି ଭାଙ୍ଗି ଯାଇଛି । ଉକ୍ତ ସ୍ୱପ୍ନର ଏହି ଅର୍ଥ ଆଁହଜରତ ସ.ଅ ପ୍ରକାଶ କଲେ ଯେ, ମେଣ୍ଢାକୁ ଜେବହ୍ କରିବାର ଅର୍ଥ ହେଲା ମୁଁ ଶତ୍ରୁ ପକ୍ଷର ସେନାପତିକୁ ବଦ୍ଧ କରିବି ଏବଂ ଖଡ଼୍‌ଗର ତୀକ୍ଷ୍ଣ ଭାଗ ଭାଙ୍ଗିବାର ଅର୍ଥ ଏହିକି ଯେ, ଉକ୍ତ ଯୁଦ୍ଧରେ ମୋ ବଂଶର ଆତ୍ମୀୟ ସ୍ୱଜନଙ୍କ ମଧ୍ୟରୁ କେହି ଜଣେ ବୀରଗତି ପ୍ରାପ୍ତ କରିବେ । ଅତଏବ୍ ଉକ୍ତ ସ୍ୱପ୍ନାନୁଯାୟୀ ୱହୋଦ୍ ଯୁଦ୍ଧରେ ହ. ହମ୍‌ଜା ର.ଅ ବୀରଗତି ପ୍ରାପ୍ତ କରିଥିଲେ ଏବଂ ଅବିଶ୍ୱାସକାରୀର ଧ୍ୱଜାରୋହୀ ତଲ୍‌ହାକୁ ଆଁହଜରତ ସ.ଅ ବଦ୍ଧ କରିଥିଲେ ।

ହ. ହମ୍‌ଜା ର.ଅଙ୍କୁ ଶହୀଦ୍ କରିବା ପରେ ମଧ୍ୟ ବୀପରୀତ ପାର୍ଶ୍ୱରୁ ତାଙ୍କର ହସ୍ତ, ପାଦ ଏବଂ ଶରୀର ଛେଦନ କରାଯାଇଥିଲା । ଆପଣ ର.ଅଙ୍କର ମୁଖ ମଣ୍ଡଳକୁ ବିକୃତ କରିଦିଆ ଯାଇଥିଲା, ନାକ କାଟି ଦିଆଯାଇଥିଲା, ପେଟକୁ ଚିରି ଦିଆଯାଇଥିଲା । ଆଁହଜରତ ସ.ଅ ଯେତେବେଳେ ହ. ହମ୍‌ଜା ର.ଅଙ୍କ ଶବର ଏଭଳି ବିକୃତ ଅବସ୍ଥା ଦେଖିଲେ ସେତେବେଳେ ଆପଣ ସ.ଅ ଅତ୍ୟନ୍ତ ମର୍ମାହିତ ହୋଇ ପଡ଼ିଲେ । ଏକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ପ୍ରଣ ନେଇ କହିଲେ, ମୁଁ କୁରୈଶ୍‌ର ୩୦ ଜଣ ବ୍ୟକ୍ତିଙ୍କର ମୁସ୍‌ଲା (ମୁଖ, ହସ୍ତ ପାଦକୁ କାଟି) କରିବି କିମ୍ବା ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ୭୦ ଜଣ ବ୍ୟକ୍ତିଙ୍କର ମୁସ୍‌ଲା କରିବି । ବସ୍ତୁତଃ ପ୍ରଭୁ ଏହି ଆୟତ୍ ଅବତୀର୍ଣ୍ଣ କଲେ, ***ହେ ମୁହମ୍ମଦ୍ ! ଯେତେବେଳେ ତୁମେ କୌଣସି ବ୍ୟକ୍ତିକୁ ଦଣ୍ଡ ଦିଅ ସେତେବେଳେ ଦୋଷୀକୁ କେବଳ ସେତିକି ହିଁ ଦଣ୍ଡ ଦିଅ ଯେତିକି କଷ୍ଟ ସେ ତୁମକୁ ଦେଇଛି ଏବଂ ତୁମ ପ୍ରତି ଯେତିକି ସେ ଅତ୍ୟାଚାର କରିଛି । ଅପରପକ୍ଷେ ଯଦି ତୁମେ ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ତାହା ତୁମ ପକ୍ଷେ ଅଧିକ ଉତ୍ତମ ସାବ୍ୟସ୍ତ ହେବ ।*** ଫଳ ସ୍ୱରୂପ ଆଁହଜରତ ସ.ଅ ନେଇଥିବା ପ୍ରଣର କଫ୍ଫାରା (ପ୍ରାୟଶ୍ଚିତ ସ୍ୱରୂପ ଦାନ) ପ୍ରଦାନ କଲେ । ହୁଜୁର ଅନୱର ଅ.ବ କହିଲେ, ହ. ହମ୍‌ଜା ର.ଅଙ୍କ ମୃତ୍ୟୁ ଅନ୍ତେ ହୋଇଥିବା ବିଳାପ ସଂପର୍କରେ ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ର.ଅଙ୍କ ଏକ ଉଦ୍ଧୃତି ରହିଛି ଏବଂ ତାହା ହେଉଛି ଅନ୍‌ସାର ମହିଳାମାନେ ହ. ହମ୍‌ଜା ର.ଅଙ୍କ ବିୟୋଗ ଅନ୍ତେ ଯେତେବେଳେ ଆଁହଜରତ ସ.ଅଙ୍କ ନିକଟରେ ପହଞ୍ଚିଲେ ସେତେବେଳେ ସେମାନେ ହ. ହମଜା ର.ଅଙ୍କ ଶବ ନିକଟରେ ବିଳାପ ଏବଂ ସାନ୍ତ୍ୱନା ଦେବା ପାଇଁ ଆସିଲେ । ଆଁହଜରତ ସ.ଅ ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କଲେ ଏବଂ ତତ୍‌ସହିତ ବିଳାପ ଏବଂ ରୋଦନ କରିବାରୁ ସେମାନଙ୍କୁ ବାରଣ କଲେ ।

ଖୁତ୍‌ବା ଶେଷରେ ହୁଜୁର ଅନୱର୍ ଅ.ବ କହିଲେ ଆସନ୍ତା ରବିବାର ଦିନ **ଇନ୍‌ଶାଅଲ୍ଲାଃ** ନୂତନ ବର୍ଷ ପ୍ରାରମ୍ଭ ହେବାକୁ ଯାଉଛି । ଆପଣମାନେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ ଯେ, ଏହି ନବବର୍ଷ ଆପଣମାନଙ୍କ ପାଇଁ କଲ୍ୟାଣ ଓ ସମୃଦ୍ଧିର ବର୍ଷ ସାବ୍ୟସ୍ତ ହେଉ ଏବଂ ଅଲ୍ଲାଃତାଲା ଆପଣମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ କଲ୍ୟାଣ ଏବଂ ସମୃଦ୍ଧି ପ୍ରଦାନ କରନ୍ତୁ। ସେହିପରି ଜମାଅତ୍ ପାଇଁ ମଧ୍ୟ ଏହି ନବବର୍ଷ କଲ୍ୟାଣମୟ ସାବ୍ୟସ୍ତ ହେଉ । ଅଲ୍ଲାଃତାଲା ଶତ୍ରୁ ପକ୍ଷର ସମସ୍ତ କୁଯୋଜନାକୁ ପଣ୍ଡ ଏବଂ ଧୂଳିସାତ୍ କରି ଦିଅନ୍ତୁ । ପୃଥିବୀ ବ୍ୟାପୀ ଜମାଅତ୍ ଅହେମଦିୟାର ଲୋକମାନଙ୍କୁ ଅଲ୍ଲାଃତାଲା ପୂର୍ବାପେକ୍ଷା ଅଧିକ ନିଜ ଜୀବନ ତଥା ଜନ୍ମର ଉଦ୍ଦେଶ୍ୟକୁ ପୂର୍ଣ୍ଣକାରୀ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ସମଗ୍ର ସଂସାରବାସୀଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ ଯେ, ଅଲ୍ଲାଃତାଲା ପୃଥିବୀବାସୀଙ୍କୁ ଯୁଦ୍ଧ ଏବଂ ତହିଁରୁ ଜାତ ଭୟଙ୍କର ପରିଣାମରୁ ରକ୍ଷା କରନ୍ତୁ । ପରିସ୍ଥିତି ଗମ୍ଭୀରରୁ ଗମ୍ଭୀରତର ହେବାରେ ଲାଗିଛି ଏବଂ ବିନାଶ ନିଜର ମୁହଁ ପ୍ରଶସ୍ତ କରି ଚାଲିଛି । କିଛି ଜଣା ନାହିଁ କେତେବେଳେ କ'ଣ ଅଘଟଣ ଘଟିଯିବ । ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ସ୍ୱାର୍ଥ ପ୍ରାପ୍ତ କରିବାକୁ ଚାହୁଁଛି ଓ ତା' ପଛରେ ଧାଇଁଛି । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ନିଜର ଅତ୍ୟାଚାରିତ ଓ ନିଷ୍ପେଷିତ ଭାଇମାନଙ୍କ ପାଇଁ ମଧ୍ୟ ଅଧିକ ଦୁଆ କରନ୍ତୁ । ଯେପରି ଏହି ନୂତନ ବର୍ଷରେ ଅଲ୍ଲାଃତାଲା ଜମାଅତ୍ ଅହେମଦିୟାକୁ ପ୍ରତ୍ୟେକ ପ୍ରକାରର ଅନ୍ୟାୟ, ଅତ୍ୟାଚାରରୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍ତଇନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଇଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.....................................

KHULASA KHUTBA JUMA HUZOOR ANWAR a.b.a

**30th Dec. 2022**